To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ତେଜ ପ୍ରତାପ-ଐଶ୍ୱର୍ଯ୍ୟାଙ୍କ ବାହାଘର ପାଇଁ ଲାଲୁଙ୍କୁ ୩ ଦିନ ପାରୋଲ୍ ଅନୁମତି ।



R.N.I. No.-42041/83 Vol-15, Issue No.305, ଭଦ୍ରକ, ଶୁକ୍ରବାର, ୧୧, ମଇ ୨୦୧୮ ■ Bhadrak, Friday, 11 May 2018 Rs. 2.00 Pages-8

ମହାନଦୀରେ ମର୍ମନ୍ତୁଦ

ଦୁଇ ଝିଅ ଓ ପୁଅ ସମେତ ମାଆର ଭାସିଲା ଶବ

- ସମସ୍ତ ମୃତଦେହ ନଦୀରୁ ଉଦ୍ଧାର
- ହତ୍ୟା/ଆତ୍ମହତ୍ୟା ଅସ୍ପଷ୍ଟ

ଜଗତସିଂହପୁର, ୧୦।୫ (ସକାଳ ଖବର): ଆଜି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଶନିମନ୍ଦିର ନିକଟ ମହାନଦୀରୁ ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକଙ୍କ ମଧ୍ୟରେ ଅଛନ୍ତି ମା, ଦୁଇ ନାବାଳିକା ଝିଅ ଓ ଜଣେ ନାବାଳକ ପୁଅ । ତେବେ ଏହି ଘଟଣାଟି ଆତ୍ମହତ୍ୟା ନା ହତ୍ୟା ତାହା ଏବେବି ଅସ୍ପଷ୍ଟ ରହିଛି । କୁଜଙ୍ଗ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ଛାନଭିନ୍ ଆରମ୍ଭ କରିଛି । ଘଟଣାରୁ ପ୍ରକାଶଯେ, କୁଜଙ୍ଗ ଥାନା ଅନ୍ତର୍ଗତ କୋଠିଆସାହି-ଜଗନ୍ନାଥପୁର ଗ୍ରାମର ଅନନ୍ତ ସେଠୀ (୩୬)ଙ୍କର ଗତ ମାସରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା । ସେହି କାରଣରୁ ପ୍ରଶାସନ ପକ୍ଷରୁ ତାଙ୍କ ପତ୍ନୀ ମାନିନୀ ସେଠୀ ବୟସ (୩୦)ଙ୍କୁ ଚେକ୍ ଆକାରରେ ତିନି ଲକ୍ଷ ଓ ନଗଦ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଯାହାକି ମୋଟ ୫ ଲକ୍ଷ ଟଙ୍କା । କିନ୍ତୁ ହଠାତ୍ ଗତ କାଲି ସନ୍ଧ୍ୟାରେ ମାନିନୀ ତାର ବଡ ଝିଅ ବର୍ଷା, ସାନ ଝିଅ ଦିଶା ଓ ଏକମାତ୍ର ପୁତ୍ର ମୁନା ସହିତ ଘର ଛାଡି କେଉଁଆଡେ ପଳାଇଥିଲେ । ମାନିନୀର ବାପଘର ହେଉଛି ସେହି ଗ୍ରାମରେ । ତାର ବାପା ଅକ୍ଷୟ ସେଠୀ କୌଣସି କାରଣରୁ ତାର ଝିଅ ମାନିନୀ ପାଖକୁ ଆସି ଦେଖିଲେ ଯେ ଘରେ କେହିବି ନାହାଁନ୍ତି । ଏଣୁ ବାପା ଅକ୍ଷୟ ଗ୍ରାମ ଓ ଗ୍ରାମ ବାହାରେ ତାଙ୍କର ପଡୋଶୀ ମାନଙ୍କ ସହିତ ମିଶି ଝିଅ ଓ ନାତି ନାତୁଣିଙ୍କୁ ଖୋଜିବାରେ ଲାଗି ପଡିଲେ ରାତିସାରା । ବାପା ଅକ୍ଷୟ ସାରା ରାତି ଖୋଜା ଖୋଜି କରି ସେମାନଙ୍କୁ ନପାଇବାରୁ ଆଜି ସକାଳ ସମୟରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ଆରମ୍ଭ କରି ମହାନଦୀରେ ଶବ ଭାସୁଥିବା ଖବର ଶୁଣି ଓଡ୍ରାଫ୍ ଟିମର ସହଯୋଗ ନେଇଥିଲେ । ଆଜି ଦିନସାରା ଓଡ୍ରାଫ୍ ଟିମ୍ ମହାନଦୀରେ ଖୋଜା ଖୋଜି କରି ସମସ୍ତ ମା ପୁଅ ଓ ଦୁଇ ଝିଅଙ୍କର ମୃତ ଶରୀରକୁ ଉଦ୍ଧାର କରି କୁଜଙ୍ଗ ପୋଲିସର ଜିମା ଦେଇଥିଲେ । ମହାନଦୀରେ ଶବ ଗୁଡିକ ମିଳିଲା ପରେ ସେଠାରେ ଶହ ଶହ ଲୋକଙ୍କର ଭିଡ଼ ଜମିଥିଲା । ଏହି ଖବର ପ୍ରଚାରିତ ହେବା ପରେ କୁଜଙ୍ଗ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ପୋଲିସ ଶବ ଗୁଡିକୁ ଜବତ କରି କୁଜଙ୍ଗ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଛି । ବଡ ଝିଅର ବୟସ ୧୦ ବର୍ଷ ହୋଇଥିଲା ବେଳେ ସାନ ଝିଅ ଦିଶାର ବୟସ ୮ ବର୍ଷ ଓ ପୁଅର ବୟସ ମାତ୍ର ୪ ବର୍ଷ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଆଜି ଅପରାହ୍ନ ୩ଟା ସମୟରେ କୁଜଙ୍ଗ ଶନି ମନ୍ଦିର ଗଡା ମହାନଦୀ କୂଳରୁ ଶବଗୁଡିକୁ ଉଦ୍ଧାର କରାଯାଇଥିଲା । ତେବେ ଏହି ମୃତ୍ୟୁର କାରଣ ଏବେବି ସନ୍ଦେହ ଘେରରେ ରହିଛି । ମାନିନୀର ବାପା ଅକ୍ଷୟ ପୋଲିସ ଆଗରେ ବୟାନ ଦେଇଛନ୍ତି ଯେ ତାର ଜ୍ୱାଇଁ ଓ ଝିଅଙ୍କର ପରିବାର ସଦା ସର୍ବଦା ସେମାନଙ୍କର ଭାଇଆଳ ମାନଙ୍କର ପକ୍ଷରୁ ଧମକ ଓ ବିରୋଧ ଭାବର ଶିକାର ହୋଇଆସୁଥିଲେ । ଜ୍ୱାଇଁ ଅନନ୍ତର ଦୁର୍ଘଟଣାରେ ମୃତ୍ୟୁ ପରେ ଭାଇଆଳ ମାନଙ୍କ **(ପୃଷ୍ଠା-୭)**

ଅଘଟଣ ପାଇଁ ଠିକା ସଂସ୍ଥା ଦାୟୀ

- ଆସିଲା ବମିଖାଲ ଓଭରବ୍ରିଜ୍ ଅଘଟଣର ତଦନ୍ତ ରିପୋର୍ଟ
- ବମିଖାଲ, ଲିଙ୍ଗରାଜ ବ୍ରିଜ୍‌ର ନିର୍ମାଣ କରିବେ ସରକାର
- ପଣ୍ଡା ଇନଫ୍ରା ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ ଗିରଫ

ଭୁବନେଶ୍ୱର, ୧୦।୫ (ସକାଳ ଖବର): ବମିଖାଲରେ ନିର୍ମାଣଧୀନ ଓଭରବ୍ରିଜ୍ ଭୁଷୁଡିବା ଘଟଣାର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ବମିଖାଲ ଏବଂ ଲିଙ୍ଗରାଜ ବ୍ରିଜ୍ ର ନିର୍ମାଣ କାର୍ଯ୍ୟକୁ ସରକାର ନିଜ ହାତକୁ ନେବେ । କାଲିଠାରୁ ବମିଖାଲ ଓଭରବ୍ରିଜର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଆସନ୍ତା ୨ ମାସ ମଧ୍ୟରେ ଶେଷ ହେବା ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ତୃତୀୟ ପକ୍ଷ ଦ୍ୱାରା ଯାଂଚ କରାଯିବ ।

ପୂର୍ତ୍ତ ବିଭାଗ ପକ୍ଷରୁ ଗଠିତ ହୋଇଥିବା ୩ ଜଣିଆ ତଦନ୍ତ କମିଟି ଦେଇଥିବା ରିପୋର୍ଟରେ କାମ ବେଳେ ଠିକାଦାର କୌଣସି ସତର୍କତା ଅବଲମ୍ବନ କରିନଥିବା ଦର୍ଶାଯାଇଛି। ଏହା ବ୍ୟତୀତ କାମ କରୁଥିବା ଶ୍ରମିକ ମାନଙ୍କ ପାଇଁକୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା। ଠିକାଦାର ସଂସ୍ଥା ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଉତରଦାୟୀ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଆହୁରି କହିଛନ୍ତି ଯେ ଯେଉଁ ଯନ୍ତ୍ରୀ ଓ ଅଧିକାରୀ ମାନେ ନିର୍ମାଣ ଦାୟିତ୍ୱରେ ଥିଲେ ସେମାନଙ୍କ ଠାରୁ ମଧ୍ୟ କୈଫିୟତ ମଗାଯିବ । ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ ହେବ। -ବମିଖାଲରେ ନିର୍ମାଣଧୀନ ଓଭରବ୍ରିଜ୍ ଭୁଷୁଡିବା ଘଟଣାରେ କମିଶନରେଟ୍ ପୋଲିସ୍ ଠିକାଦାର ସଂସ୍ଥା ପଣ୍ଡା ଇନଫ୍ରାର ଅନ୍ୟତମ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀଙ୍କୁ ଗିରଫ କରିଛି। ଏହା ପୂର୍ବରୁ ସମ୍ପୃକ୍ତ ସଂସ୍ଥାର ଏମଡି ପ୍ରତାପ ପଣ୍ଡାଙ୍କୁ ପୋଲିସ୍ ଗିରଫ କରିଥିଲା। ଅପରପକ୍ଷରେ ସମ୍ବଲପୁର ଓ ଜଟଣୀ ଫ୍ଲାଏଓଭରର ନିର୍ମାଣ କାର୍ଯ୍ୟ କିଏ କରିବ ସେଥିନେଇ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତି ନିଆଯାଇନାହିଁ। ଭବିଷ୍ୟତରେ ସେସମ୍ପର୍କରେ ନିଷ୍ପତି ନିଆଯିବ । ସୂଚନାଯୋଗ୍ୟ ଯେ ଗତ ୩ ତାରିଖ ରାତି ପ୍ରାୟ ୯ଟା ୩୦ରେ ସନ୍ତୋଷୀ ମା ମନ୍ଦିର ସମ୍ମୁଖରେ ଥିବା ଓଭରବ୍ରିଜ୍‌ର ନିର୍ମାଣ ଚାଲୁଥିବା ବେଳେ ଭୁଷୁଡି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ ।

କୁନା ତ୍ରିପାଠୀ ହେଲେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ

ଭୁବନେଶ୍ୱର,୧୦।୫ (ସକାଳ ଖବର): -ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ଭାବେ ଅଭିନେତା କୁନା ତ୍ରିପାଠୀ (ସତ୍ୟବ୍ରତ ତ୍ରିପାଠୀ)ଙ୍କୁ ନିଯୁକ୍ତି ମିଳିଛି। ମୁନ୍ନା ଖାଁଙ୍କ ସ୍ଥାନରେ କୁନାଙ୍କୁ ରାଜ୍ୟ ସରକାର ଏହି ଦାୟିତ୍ୱ ଦେଇଛନ୍ତି । ଏବେ ଏହି ଦାୟିତ୍ୱ କୁନାଙ୍କୁ ମିଳିବା ପରେ ମୁନ୍ନା ଖାଁ କେବଳ କାଳୁ ଉନ୍ନୟନ ନିଗମ ଅଧ୍ୟକ୍ଷ ରହିବେ।

ସରିଲା ନିର୍ବାଚନ ପ୍ରଚାର

କର୍ଣ୍ଣାଟକ ବିଧାନସଭା

୧୨ରେ ମତଦାନ

୧୫ରେ ଫଳାଫଳ

ବେଙ୍ଗାଲୁରୁ, ୧୦।୫ : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଅଭିଯାନ ଶେଷ ହୋଇ ଯାଇଛି । ଆସନ୍ତା ୧୨ ତାରିଖ ଶନିବାର ଦିନ ମତଦାନ ଅନୁଷ୍ଠିତ ହେବ । କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି), କଂଗ୍ରେସ ଓ ଜନତା ଦଳ (ସେକୁଲାର) ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହେଉଥିବା ବେଳେ ଏହି ତିନି ଦଳ ପକ୍ଷରୁ ମଧ ରାଜ୍ୟରେ ବେଶ ଜୋରଦାର ଓ ହାଇ ପ୍ରୋଫାଇଲ ପ୍ରଚାର କରାଯାଇ ଭୋଟରମାନଙ୍କୁ ନିଜ ନିଜ ପକ୍ଷକୁ ଆକୃଷ୍ଟ କରାଇବା ପାଇଁ ବ୍ୟାପକ ଉଦ୍ୟମ କରାଯାଇଛି । ପୂର୍ବରୁ ରାଜ୍ୟରେ କ୍ଷମତାସୀନ ଥିବା କଂଗ୍ରେସ ଏଥର ନିର୍ବାଚନରେ ମଧ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗିବ ବୋଲି ଲକ୍ଷ୍ୟ ରଖିଛି । ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଠାରୁ ଆରମ୍ଭ କରି ଦଳର ଅନ୍ୟ ସମସ୍ତ ବରିଷ୍ଠ ନେତା ପ୍ରଚାର ଅଭିଯାନରେ ସାମିଲ ହେବା ସହ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ବ୍ୟାପକ ପ୍ରଚାର କରିଛନ୍ତି । ସେହିପରି ବିଜେପିର ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଓ ଅନ୍ୟ ବହୁ କେନ୍ଦ୍ର ମନ୍ତ୍ରୀ ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି । ମୂଳରୁ ପ୍ରଚାର ଅଭିଯାନରୁ ନିଜକୁ ଦୂରେଇ ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚାରର ଶେଷ ୫ ଦିନରେ ୧୫ଟି ର୍‍ୟାଲିରେ ଉଦ୍‌ବୋଧନ ଦେଇ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କୁ ଜିତାଇବାକୁ ନିବେଦନ କରିଛନ୍ତି । କର୍ଣ୍ଣାଟକ ବିଧାନସଭାର ୨୨୪ଟି ଆସନ ପାଇଁ ହେଉଥିବା ନିର୍ବାଚନରେ ୨,୬୫୫ ପ୍ରାର୍ଥୀ ନିଜ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି । ଆସନ୍ତା ୧୨ ତାରିଖ ଦିନ ରାଜ୍ୟର ୪.୯୬ କୋଟି ଭୋଟର ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ । ଏମାନଙ୍କ ମଧ୍ୟରୁ ୨.୫୨ କୋଟି ପୁରୁଷ ଭୋଟର ଥିବା ବେଳେ ମହିଳା ଭୋଟର ହେଉଛନ୍ତି ୨.୪୪କୋଟି । ଏହି ଭୋଟରମାନଙ୍କ ମଧ୍ୟରେ ଅଛନ୍ତି ୧୫ ଲକ୍ଷ ନୂତନ ଯୁବା ଭୋଟର ଯେଉଁମାନେକି ପ୍ରଥମ ଥର ପାଇଁ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ । ଏବେ ସମସ୍ତଙ୍କ ନଜର ଆସନ୍ତା ୧୫ ତାରିଖ ଉପରେ କାରଣ ସେହିଦିନ ହିଁ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

ଟୀକା ନେଇ ୩ ମାସ ଶିଶୁର ମୃତ୍ୟୁ ଅଭିଯୋଗ

ରାଉରକେଲା, ୧୦।୫ (ସକାଳ ଖବର):ରାଉରକେଲା ମାଲଗୋଦାମ ଅଂଚଳର ଏକ ୩ ମାସର ଶିଶୁ ଗତକାଲି ଅଙ୍ଗନବାଡିରୁ ଟିକା ନେବା ପରେ ଅସୁସ୍ଥ ହୋଇ ଚିକିତ୍ସାଧିନ ଅବସ୍ଥାରେ ମେଡିକାଲରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । ଶିଶୁଟିର ମୃତ୍ୟୁ ପାଇଁ ପରିବାର ଲୋକେ ଅଙ୍ଗନବାଡିର ଭୁଲ୍ ଟିକାକରଣକୁ ଦାୟୀ କରିଛନ୍ତି । ଖବର ପାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଖବରରୁ ପ୍ରକାଶ ଯେ, ମାଲଗୋଦାମ ବସ୍ତିର ସରୋଜ ସାହୁ ନାମକ ବ୍ୟକ୍ତିଙ୍କ ୩ ମାସର ଶିଶୁକନ୍ୟାକୁ ଗତକାଲି ସେଠାକାର ଅଙ୍ଗନବାଡିରେ ୨ଟି ଟିକା ପ୍ରଦାନ କରାଯାଇଥିଲା । ତେବେ ଦିନ ପ୍ରାୟ ୧୧ଟା ବେଳକୁ ଶିଶୁଟି ଅସୁସ୍ଥ ହୋଇପଡିବାରୁ ତାକୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ସଂନ୍ଧ୍ୟାରେ ତାର ମୃତ୍ୟୁ ଘଟିଥିଲା । ପରିବାର ଲୋକଙ୍କ କହିବା କଥା ବଡପିଲାଙ୍କୁ ଯେଉଁ ଟିକା ଦେବାକଥା ସେହି ଟିକା ସମ୍ପୃକ୍ତ ଶିଶୁକୁ ଦେବା ଦ୍ୱାରା ତାର ମୃତ୍ୟୁ ଘଟିଛି । ତେବେ ଏହି ଟିକା ଅନ୍ୟ ୨୦ ଜଣ ପିଲା ମଧ ନେଇଛନ୍ତି, ବର୍ତମାନ ସେ ପିଲାଙ୍କ ଉପରେ ନଜର ରଖାଯାଇଛି । ପୁଲିସ ଓ ସରକାରୀ ସ୍ୱାସ୍ଥ୍ୟ ଅଧିକାରୀ ସେଠାରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ଧରାପଡ଼ିଲେ ଲାଞ୍ଚୁଆ ଆର୍‌ଆଇ

ଫୁଲବାଣୀ, ୧୦।୫ (ସକାଳ ଖବର): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଏବଂ ଚକାପାଦ ତହସିଲ ଅନ୍ତର୍ଗତ ଶଙ୍କରାଖୋଲରେ ଥିବା ରେଭେନ୍ୟୁ ଇନିସ୍ପେକ୍ଟର ସଞ୍ଜୟ କୁମାର ସାହୁ ୩ ହଜାର ଟଙ୍କା ଲାଂଚ ନେଉଥିବାବେଳେ ଫୁଲବାଣୀ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି।

ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୧୦.୫.୧୮)
୧,୯୩,୩୮୮

ଖୁବ୍‌ଶୀଘ୍ର ରେଭେନ୍ସାରୁ ହଟିବ ସାଇନ୍ ଏ ଡାଏ

କଟକ/ଭୁବନେଶ୍ୱର,୧୦।୫ (ସକାଳ ଖବର):- ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଧିରେ ଧିରେ ସୁଧୁରୁଛି। ଖୁବ୍ ଶୀଘ୍ର ବିଶ୍ୱବିଦ୍ୟାଳୟରୁ ସାଇନ୍ ଏ ଡାଏ ହଟିବ ବୋଲି କୁଳପତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସାଇନ୍ ଏ ଡାଏ ହଟାଯିବା ଦାବିରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ର ସଂଘ ଆନ୍ଦୋଳନରୁ ଓହରିଛି। ବିଶ୍ୱବିଦ୍ୟାଳୟରେ ଶାନ୍ତି ଫେରାଇ ଆଣିବାକୁ ଗୁରୁବାର କୁଳପତି ଈଶାନ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକାଡେମିକ କାଉନସେଲିଂ ବୈଠକ ବସିଥିଲା । ବୈଠକରେ ରେଜିଷ୍ଟ୍ରାରଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ପ୍ରଭୃତି ଉପସ୍ଥିତ ରହିଥିଲେ। ଛାତ୍ର କ୍ରିୟାନୁଷ୍ଠାନର ୫ଟି ଦାବି ଓ ସାଇନ-ଏ-ଡାଏ ହଟିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକ ଶେଷ ହେବା ପରେ କୁଳପତି ଏହି ସମ୍ପର୍କିତ ସୂଚନା ଦେବା ସହ ପ୍ରଥମେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ହଟିଲେ ସାଇନ-ଡାଏ-ହଟିବ ବୋଲି କହିଥିଲେ ।

ଅପରପକ୍ଷରେ ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ କୁଳପତିଙ୍କୁ ଭେଟି ମୁଖ୍ୟ ଦାବି ବର୍ଦ୍ଧିତ ଫିକୁ କମ କରିବା ଓ ସାଇନ-ଏ-ଡାଏ ପ୍ରତ୍ୟାହାର ନେଇ ଆଲୋଚନା କରିଥିଲେ। ଏହି ଆଲୋଚନା ସଫଳ ହୋଇଥିଲା। ରେଭେନ୍ସା ଗେଟ୍ ସମ୍ମୁଖରେ ନିଜ ଜିଦରେ ଅଡ଼ି ବସିଥିବା ଛାତ୍ରଛାତ୍ରୀମାନେ ଶେଷରେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। କୁଳପତି ଶ୍ରୀ ପାତ୍ର ମଧ ଛାତ୍ରଛାତ୍ରୀଙ୍କ ଥିବା ମୁଖ୍ୟ ଦାବିକୁ ପୂରଣ କରାଯିବା ନେଇ ପ୍ରତିଶ୍ରୁତି ଦେବା ସହ ଖୁବଶୀଘ୍ର ବିଶ୍ୱବିଦ୍ୟାଳୟରୁ ସାଇନ-ଏ-ଡାଏ ହଟିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ଫି ବୃଦ୍ଧି ପ୍ରତ୍ୟାହାର, ହଷ୍ଟେଲ ନବୀକରଣ ପାଇଁ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ୍ ଛାଡ଼ିବା ନିର୍ଦ୍ଦେଶକୁ ବିରୋଧ, ଚଳିତ **(ପୃଷ୍ଠା-୭)**

ପ୍ରତି ପଞ୍ଚାୟତରେ ଦୁଇଟି ଗାଁକୁ ପାଇପ୍ ଜଳଯୋଗାଣ ନିର୍ଦ୍ଦେଶ

- ୭,୪୨୭ଟି କୃଷି ପୋଖରୀ, ୨,୩୩୮ଟି ସେଚକୂପ କାର୍ଯ୍ୟ ସମ୍ପୂର୍ଣ୍ଣ
- ୨୯,୪୮୨.୬୧ ହେକ୍ଟର ଜମିରେ ବୃକ୍ଷରୋପଣ
- ଗ୍ରାମୀଣ ବାସଗୃହ ଯୋଜନାରେ ୭ଲକ୍ଷ ୩୫ହଜାର ୧୫୨ ଜଣ ହିତାଧିକାରୀଙ୍କୁ ୬୭୯.୧୯ କୋଟି ଟଙ୍କା ମଜୁରୀ ପ୍ରଦାନ
- ଆଳୁ ମିଶନ ପାଇଁ ୧୯ଟି ଶୀତଳଭଣ୍ଡାର ସ୍ଥାପନ, ୯ଟି ଖୁବ୍‌ଶୀଘ୍ର ଶେଷ ହେବ

ଭୁବନେଶ୍ୱର,୧୦।୫ (ସକାଳ ଖବର): ଚଳିତ ବର୍ଷରେ ପ୍ରତ୍ୟେକ ଗ୍ରାମ ପଂଚାୟତରେ ଅନ୍ତତଃ ଦୁଇଗୋଟି ଗ୍ରାମପାଇଁ ପାଇପ୍ ଦ୍ୱାରା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ କରିବ ସେ ଦିଗରେ ଅଧିକ ଯତ୍ନଶୀଳ ହେବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟ ଠାରେ ସମ୍ପୃକ୍ତ ବିଭାଗର କାର୍ଯ୍ୟାବଳୀ ଉପରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଥିବା ୬ହଜାର ୮୦୧ ଗ୍ରାମ ପଂଚାୟତ ମଧ୍ୟରୁ ୧୨୨୪ ଗ୍ରାମ ପଂଚାୟତରେ ୨ରୁ ଅଧିକ ପାଇପ ଦ୍ୱାରା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲାବେଳେ ୧୬୨୫ ଗ୍ରାମ ପଂଚାୟତରେ ଦୁଇଟି ଲେଖାଏଁ ପାଇପ ଦ୍ୱାରା ଜଳଯୋଗାଣ ବ୍ୟବସ୍ଥା ରହିଛି ଏବଂ ୩,୧୯୦ ଗ୍ରାମପଂଚାୟତରେ ଗୋଟିଏ ଲେଖାଏଁ ପାଇପ ଦ୍ୱାରା ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକରୁଛି। ୭୬୦ ଗ୍ରାମପଂଚାୟତରେ ପାଇପ ଦ୍ୱାରା ଜଳଯୋଗାଣ ବ୍ୟବସ୍ଥା ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ମହାରଥୀ ପ୍ରକାଶ କରିଥିଲେ। ଜଳଯୋଗାଣ କ୍ଷେତ୍ରରେ ଚଳିତ ବର୍ଷରେ ୨୯ ପ୍ରତିଶତ ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ୯.୮୦ ଲକ୍ଷ ଜନସଂଖ୍ୟା ନିମନ୍ତେ ୧,୪୦୮.୮୮ କୋଟି ଟଙ୍କାର ବିନିଯୋଗ ହୋଇ ୯ ଗୋଟି ବୃହତ ପାଇପ ଦ୍ୱାରା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ) ଯୋଜନାରେ ବ୍ୟକ୍ତିଗତ ପରିବାରଙ୍କ ଶୌଚାଳୟ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ୧୧ଲକ୍ଷ ୯ହଜାର ୫୧୦ ମଧ୍ୟରୁ ୭ଲକ୍ଷ ୭୧ହଜାର ୯୦୧ ଶୌଚାଳୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ଏହାବ୍ୟତୀତ ୭,୪୨୭ଟି କୃଷି ପୋଖରୀ, ୨,୩୩୮ଟି ସେଚକୂପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲାବେଳେ ୨୯,୪୮୨.୬୧ ହେକ୍ଟର ଜମିରେ ବୃକ୍ଷରୋପଣ ଏବଂ ୪,୪୧୮ ଆର୍‌କେଏମ୍ ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଛି। ପ୍ରାକୃତିକ ସମ୍ବଳ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟରେ ୬୦ ପ୍ରତିଶତ ଖର୍ଚ୍ଚର ଲକ୍ଷ୍ୟ ସ୍ଥିର କରାଯାଇଥିଲାବେଳେ ୪୨.୫୫ ପ୍ରତିଶତ ଖର୍ଚ୍ଚ ହାସଲ କରାଯାଇଛି। ଗ୍ରାମୀଣ ବାସଗୃହ ଯୋଜନାରେ ୭ଲକ୍ଷ ୩୫ହଜାର ୧୫୨ ଜଣ ହିତାଧିକାରୀଙ୍କୁ ମଜୁରୀ ସହାୟତା ବାବଦରେ ୬୭୯.୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ବୈଠକରେ ପ୍ରକାଶ କରାଯାଇଥିଲା। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ ସେ କହିଲେ ଯେ, ଆଳୁ ମିଶନ ପାଇଁ ୩୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେହି ଅର୍ଥରେ ୧୯ଗୋଟି ଶୀତଳ ଭଣ୍ଡାର ସ୍ଥାପନ କରାଯାଇଥିଲାବେଳେ ନିର୍ମାଣାଧିନ ୯ଟିର ଖୁବ୍ ଶୀଘ୍ର ଶେଷ କରାଯିବ। ଏହିସବୁ ଶୀତଳ ଭଣ୍ଡାରରେ ଆଳୁ ରଖାଯିବା ଏହି ଟଙ୍କାକୁ ଅନ୍ୟ ଆଡ଼େ ବିନିଯୋଗ କରାଯାଇନାହିଁ ଭାଗଚାଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ଗଠିତ ୫ଜଣିଆ ମନ୍ତ୍ରୀସ୍ତରୀୟ କମିଟିର ବୈଠକ ରିପୋର୍ଟ ମିଳିବା ପରେ କାର୍ଯ୍ୟକାରୀ କରାଯିବ। ଏହାବ୍ୟତୀତ ପଂଚାୟତମାନଙ୍କରେ **(ପୃଷ୍ଠା-୭)**

DHAMARA TRUCK & TIPPER OWNER'S ASSOCIATION

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick